# Akashvani, Sambalpur

## SAMBALPURI NEWS BULLETIN

### 29 January 2026 – 6.47- 6.52 am.

**********************************************

ଅର୍ଥନୈତିକ ସର୍ବେକ୍ଷଣ          ଏନ୍‌ଏସ୍‌ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍‌ର ଦୁଇ ନମ୍ବର ଦିନେ ଆଏଜ୍ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପିତ୍ ହେବା । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଦୁଇ ଗୃହ ନ ଇ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ୍ କର୍‌ବେ । ତାର୍ ଉତ୍‌ରୁ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଏ. ଅନନ୍ତ ନାଗେଶ୍ୱରନ୍ ସାମ୍ବାଦିକ୍‌ମାନ୍‌ଙ୍କୁ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ବାବ୍‌ଦେ ବିସ୍ତୃତ୍ ଭାବେ ସୂଚ୍‌ନା ଦେବେ । ସୂଚ୍‌ନା ଅନ୍‌ସାରେ ଅର୍ଥନୈତିକ୍ ସର୍ବେକ୍ଷଣ ରିପୋର୍ଟ ହଉଛେ ୨୦୨୫-୨୬ ଆର୍ଥିକ୍ ବଛ୍‌ରେ କେନ୍ଦ୍ର ସରକାରଙ୍କର ଆର୍ଥିକ୍ ପ୍ରଦର୍ଶନ୍‌ର ରିପୋର୍ଟ କାର୍ଡ ।

ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ୍ ରିପୋର୍ଟ      ଆଇ.ଆଣ୍ଡ୍.ପି.ଆର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ୍‌ର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ଗଲାକାଏଲ୍ ଆୟୋଗ୍‌ର ଚୂଡ଼ାନ୍ତ

ରିପୋର୍ଟ ହସ୍ତାନ୍ତର କରିଛନ୍ । କମିଶନ୍ ତରଫୁ ଦିଆଯାଇଥିବା ରିପୋର୍ଟରେ ଏକ୍-ସୂତ୍ରୀ ଭିତିକ୍ ବ୍ୟବସ୍ଥାରେ ଆଂଚଳିକ ସ୍ୱାୟତ ସଂସ୍ଥାମାନ୍‌କର ଭିତିଭୂମିକେ ବର୍‌କସ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ସମାନତା ବିଚାର୍, ଆଂଚଳିକ୍ ବୈଷମ୍ୟ, ଗ୍ରାମୀଣ ଆଉ ସହରୀ ଇଲାକାବାର୍ ଭିନ୍ ଭିନ୍ ଆବଶ୍ୟକ୍‌ତାକେ ଖାସ୍ କରି ଧ୍ୟାନ୍ ଦିଆଯାଇଛେ । ଆଂଚଳିକ ସଂସ୍ଥାମାନ୍‌କର ସାମଗ୍ରିକ୍ ବିକାଶ ଲାଗି ଆର୍ଥିକ୍ ଆଉ ଅଣଆର୍ଥିକ୍ ବ୍ୟବସ୍ଥାର୍ ସୁପାରିଶ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସମୀକ୍ଷା ପୋର୍ଟଲ୍‌ର ଭିଲ୍ ଉନ୍ମୋଚନ୍ କରିଛନ୍ । ସମୀକ୍ଷା ପୋର୍ଟାଲ୍ ହଉଛେ ରାଜ୍ୟ ଅର୍ଥ ଆୟୋଗ୍ ଆଉ କେନ୍ଦ୍ର ଅର୍ଥ ଆୟୋଗ୍‌ର ଅନୁଦାନ୍‌ରେ ଚାଲିଥିବା ଜନକଲ୍ୟାଣକାରୀ ପ୍ରକଳ୍ପମାନ୍‌କର କାର୍ଯ୍ୟନ୍ୱୟନ୍ ଆଉ ଅଗ୍ରଗତି ବାବ୍‌ଦେ ସୂଚ୍‌ନା ମିଳିପାର୍‌ବା । ଜନସାଧାରଣ, ନିର୍ବାଚିତ୍ ପ୍ରତିନିଧି କି କେନ୍‌ସି ଭିଲ୍ ବ୍ୟକ୍ତି www.samikshya.odisha.gov.in କେ ଯାଇକରି ପ୍ରକଳ୍ପମାନ୍‌କର ବାବ୍‌ଦେ ତଥ୍ୟ ପାଇପାର୍‌ବେ ।

ଯୋଗାଣ ମନ୍ତ୍ରୀ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଲାକାଏଲ୍ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ୍ ପରିଦର୍ଶନ୍ କରି କରି ଧାନ୍

ଘିନା ବ୍ୟବସ୍ଥାର ସମୀକ୍ଷା କରିଛନ୍ । ଇତାର୍ ସହେତେ ମଣ୍ଡିମାନ୍‌କେ ସିସିଟିଭି ବ୍ୟବସ୍ଥାର୍ ଅନୁଧାନ୍, ମିଲ୍‌କେ ଯାଉଥିବା ଧାନ୍ ଗାଡ଼ି ଟ୍ରେକିଂ ଆଉ ଇ ବାବଦ୍ ଲାଇଭ୍ ଫୁଟେଜ୍ ବ୍ୟବସ୍ଥାର୍ ଭିଲ୍ ମନ୍ତ୍ରୀ ତଦାରଖ୍ କରିଛନ୍ । ଚାଷୀମାନ୍‌କର ସ୍ୱାର୍ଥ ରକ୍ଷା ଲାଗି ସରକାର ବହୁତ୍‌ଟେ ପଦକ୍ଷେପ୍ ନଉଛନ୍ । ଧାନ୍ ଘିନାକେ ନେଇକରି କେନ୍‌ସି ଭିଲ୍ ସମସ୍ୟା ଦେଖାଗଲେ ତୁର୍‌ତି ତାର୍ ସମାଧାନ୍ କର୍‌ବାର୍ ଲାଗି ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗୀୟ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । କେନ୍‌ସି ଅଭିଯୋଗ୍ କର୍‌ବାର୍‌କେ ହେଲେ ଚାଷୀମାନେ ୧୯୬୭ ନମ୍ବରଥି ସିଧାସଲଖ୍ ଅଭିଯୋଗ୍ କରିପାର୍‌ବେ ବଲି ଯୋଗାଣ ମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ୱିଙ୍ଗ୍‌ସ୍ ଇଣ୍ଡିଆ-୨୦୨୬ ଆଇ.ଆଣ୍ଡ୍.ପି.ଆର

ହାଇଦ୍ରାବାଦ୍ ନ ହେଇଥିବା ଏସିଆର୍ ସବୁନୁ ବଡ଼ ବେସାମରିକ ବିମାନ ଚଲାଚଲ୍ କାର୍ଯ୍ୟକ୍ରମ ୱିଙ୍ଗ୍‌ସ୍ ଇଣ୍ଡିଆ-୨୦୨୬ଥି ଓଡ଼ିଶା ସରକାର ସାମିଲ୍ ହେଇକରି ଭବିଷ୍ୟତ୍ ବିମାନ ଚଲାଚଲ୍‌କେ ନେଇକରି ତାର୍ ଦୂରଦୃଷ୍ଟି ଉପସ୍ଥାପନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ଟେକ୍ସ ଫ୍ଲାଇଟ୍ ବିଷୟବସ୍ତୁ ଉପ୍‌ରେ ପ୍ରଦର୍ଶିତ୍ ହେଇଥିବା ଓଡ଼ିଶା ପେଭିଲିୟନ୍ ନ ଭାରତର୍ ବିମାନ୍ ଚଲାଚଲ୍ କ୍ଷେତ୍ରଥି ବଢୁଥିବା ରାଜ୍ୟ ଭୂମିକା ବାବ୍‌ଦେ

ଉପସ୍ଥାପନ୍ କରାଯାଇଛେ । ଇତାର୍ ଜରିଏ ଓଡ଼ିଶା ବିମାନ୍ ଚଲାଚଲ୍ ଦୂରଦୃଷ୍ଟିକେ ପ୍ରଦର୍ଶନ୍ କରାଯିବାର୍ ସହେତେ ମହିଲା ନେତୃତ୍ୱ ଆଉ ଦକ୍ଷତା ଭିତିକ୍ ଅଭିବୃଦ୍ଧି ଉପ୍ରେ ଜୋର୍ ଦିଆଯାଇଛେ । ଯେନ୍‌ଟାକି ବିକଶିତ ଓଡ଼ିଶା ୨୦୩୬ ଆଉ ବିକାଶିତ ଭାରତ ୨୦୪୭ ରୋଡ୍‌ମେପ୍ ସଙ୍ଗେ ଜୁଡ଼ିହେଇଛେ । କାର୍ଯ୍ୟକ୍ରମଥି ରାଜ୍ୟ ବାଣିଜ୍ୟ ଆଉ ପରିବହନ ବିଭାଗର୍ ପ୍ରମୁଖ ସଚିବ ଉଷା ପାଢ଼ୀ ବିମାନ୍ ଚଲାଚଲ୍ କ୍ଷେତ୍ରଥି ମହିଲା ଶୀର୍ଷକ୍ ଅଧିବେଶନ୍‌ଥି ଯୋଗ୍ ଦେଇଥିଲେ ।

ଓଡ଼ିଶା ଦର୍ଶନ୍ କାର୍ଯ୍ୟକ୍ରମ                ଆଇ.ଆଣ୍ଡ୍.ପି.ଆର

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ୍ ଆଉ ଜାତୀୟ ସେବା ଯୋଜ୍‌ନା-ଏନ୍‌ଏସ୍‌ଏସ୍ ତରଫୁ ଓଡ଼ିଶା ଦର୍ଶନ୍ କାର୍ଯ୍ୟକ୍ରମ-୨୦୨୬ ଗଲାକାଏଲ୍ ମୁଲ୍ ହେଇଛେ । ଆଏବା ୩୧ ତାରିଖ୍‌ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ୨ ଶହ ୬୦ ଝନ୍ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓଡ଼ିଶାର୍ ଭିନ୍ ଭିନ୍ ପର୍ଯ୍ୟଟନସ୍ଥଲୀ, ମନ୍ଦିର, ସମୁଦ୍ର ଖଣି ଆଉ ଐତିହାସିକ୍ ଜାଗାମାନ୍‌କେ ବୁଲ୍‌ବାର୍ ସହେତେ ରାଜ୍ୟର୍ ମୁଖିଆ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ବୁଲି ଦେଖିବେ । ଇତାର୍ ଜରିଏ ରାଜ୍ୟର୍ ଯୁଆନ୍ ପିଲାଟୁକେଲ୍‌ମାନେ ଓଡ଼ିଶାର୍ ଗୌରବମୟ ଇତିହାସ୍, କଲା, ସଂସ୍କୃତି ଆଉ ଶିକ୍ଷା ବ୍ୟବସ୍ଥା ବାବ୍‌ଦେ ଜାନିପାର୍‌ବେ ।

ମଡେଲ୍ ଯୁବ ଗ୍ରାମ ସଭା        ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ନ ଗଲାକାଏଲ୍ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମଥି ମଡେଲ୍ ଯୁବ ଗ୍ରାମ ସଭାର ବିଜେତାମାନ୍‌ଙ୍କୁ ଜାତୀୟ ପୁରସ୍କାର ଦିଆଯାଇଛେ । ଇଥି ଓଡ଼ିଶାର୍ ନବରଙ୍ଗପୁର ଜିଲ୍ଲା ହିର୍ଲି ଇ.ଏମ୍.ଆର୍.ଏସ୍. ବିଦ୍ୟାଲୟକେ ଦୁଇ ନମ୍ବର ପୁରସ୍କାର ମିଳିଛେ । ଇ ବାବ୍‌ଦେ ୭୫ ଲାଖ୍ ଟଙ୍କା ବିଦ୍ୟାଲୟକେ ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ପଂଚାୟତିରାଜ୍ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି. ସିଂହ ବାଘେଲ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ ।

କୃଷି ଗବେଷଣା-ଏମ୍‌ଓୟୁ        ଆର୍‌ଏନ୍‌ୟୁ/ ସମ୍ବଲପୁର

କୃଷି ଗବେଷଣା ଆଉ ବିସ୍ତାର୍‌କେ ବର୍‌କସ୍ କର୍‌ବାର୍ ଲାଗି କୋରାପୁଟ୍ ନ ଥିବା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଉ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଭିତ୍‌ରେ ଗଲାକାଏଲ୍ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । କୃଷି ଆଉ ତାର୍ ସହଯୋଗୀ କ୍ଷେତ୍ରଥି ଗବେଷଣା, ନୂଆ ସୃଜନ୍ ଆଉ ବିସ୍ତାର୍ କାର୍ଯ୍ୟକଳାପ୍ ଦିଗେ ଇ ବୁଝାମଣାପତ୍ର ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ଭାବେ ଦେଖାଯାଉଛେ ।

ଉନ୍ନୟନ ସମିତି ବୈଠକ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର ସଦ୍‌ଭାବନା ଗୃହ ନ ଜିଲ୍ଲାପାଲ ମଧୁସୂଦନ୍ ଦାଶଙ୍କର ଅଧ୍ୟକ୍ଷତାଥି ଗଲାକାଏଲ୍ ଉନ୍ନୟନ ସମିତିର୍ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସବୁ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ଜିଲ୍ଲାର୍ ସାମଗ୍ରିକ୍ ବିକାଶ ପ୍ରକ୍ରିୟାକେ ତୁର୍‌ତି ଆଉ ସୁନିଶ୍ଚିତ୍ କର୍‌ବାର୍ ଲାଗି ଫି ମାସ ଏନ୍ତା ବୈଠକ୍ କର୍‌ବାର୍‌କେ ଜିଲ୍ଲାପାଲ ଶ୍ରୀ ଦାଶ କହିଛନ୍ । ଇତାର୍ ସହେତେ ଜିଲ୍ଲା ନ ସବୁ ସରକାରୀ କାମ୍‌କାଜ୍ ପେପର୍‌ଲେସ୍ ଭାବେ କର୍‌ବାର୍‌କେ ଜୋର୍ ଦେଇଛନ୍ । ଓସ୍ୱାନ୍ ଜରିଏ ଅନ୍‌ଲାଇନ୍ ଫାଇଲ୍ ଆଉ ହର୍ ରକ୍‌ମର୍ ଚିଠିପତର୍ ଦିଆନିଆ କର୍‌ବାର୍‌କେ ଅଧିକାରୀମାନ୍‌ଙ୍କୁ ଜିଲ୍ଲାପାଲ ପରାମର୍ଶ ଦେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୨ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆହୁରି କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।